# Akashvani, Sambalpur

## SAMBALPURI NEWS BULLETIN

### 1 April 2024- 6.47- 6.52 am.

*******************************************

ଉତ୍କଳ ଦିବସ-ସମାରୋହ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଓଡ଼ିଶା ଦିବସ୍ । ୧୯୩୬ ମସିହା ଆଜିର୍ ଦିନେ ଓଡ଼ିଶା ସ୍ୱତନ୍ତ୍ର ଭାଷା ଭିତିକ ରାଜ୍ୟ ହେଇଥିଲା । ଭାଷାଭିତିଥି ରାଜ୍ୟ ଗଠନ୍ ହେବାର୍‌ଥି ଓଡ଼ିଶା- ଭାରତ୍‌ର ପହେଲା ରାଜ୍ୟ ଆଏ । ଉତ୍କଳ ଗୌରବ ମଧୁସୁଦନ୍ ଦାସ, ଫକୀର ମୋହନ୍ ସେନାପତି, ଉତ୍କଳମଣି ଗୋପବନ୍ଧୁ ଦାସଙ୍କର୍‌ନୁ ନେଇକରି ସ୍ୱଭାବକବି ଗଙ୍ଗାଧର୍ ମେହେର, ବାସୁଦେବ ସୁଢ଼ଳ ଦେବ, କର୍ମବୀର ଗୌରୀ ଶଙ୍କର୍ ରାୟଙ୍କର୍ ତକ୍ ହଜାର୍ ହଜାର୍ ମହାନ୍ ବ୍ୟକ୍ତିତ୍ୱଙ୍କର୍ ଓଡ଼ିଆ ଭାଷା, ସାହିତ୍ୟ ସାଙ୍ଗେ ଗୁଟେ ଅଲ୍‌ଗା ରାଜ୍ୟ ଗଠନ୍‌ଥି ବଡ଼ ଭୂମିକା ରହିଥିଲା ।

ଓଡ଼ିଶା ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟପାଲ୍ ରଘୁବର ଦାସ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଆର୍ ହାର୍ଦ୍ଦିକ୍ ଅଭିନନ୍ଦନ୍ ଜନେଇଛନ୍ । ଓଡ଼ିଶାକେ ଗୁଟେ ସମୃଦ୍ଧ ଆଉ ବିକଶିତ ରାଜ୍ୟ

କର୍ବାର୍ ଲାଗି ଆଝିର୍ ଦିନେ ସଭେ ସଂକଳ୍ପବଦ୍ଧ ହେବାର୍କେ ସେ ଆହ୍ୱାନ୍ ଦେଇଛନ୍ ।

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ଆଏଜ୍ ଭୁବ୍ନେଶ୍ୱର୍ ଜୟଦେବ୍ ଭବନ୍ ନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ଗଠନ୍ ବାବ୍ଦେ ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ ହେବା । ଇତାର୍ସହେତେ ରାଜ୍ୟର୍ ସବୁ ଜିଲ୍ଲାମାନ୍କେ ପ୍ରଶାସନ୍ ତର୍ଫୁ ଓଡ଼ିଶା ଦିବସ୍ ପାଳନ୍ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ମାନ୍ ଆୟୋଜନ୍ କରାଯାଉଛେ ।

ଏନ୍ଆଇଏ, ଏନ୍ଡିଆର୍ଏଫ୍ ଡିଜି ଏନ୍ଏସ୍ଡି

ଜାତୀୟ ତଦନ୍ତକାରୀ ସଂସ୍ଥା- ଏନ୍ଆଇଏ ର ମହାନିର୍ଦ୍ଦେଶକ ଭାବେ ୧୯୯୦ ବେଚ୍ର ଆଇପିଏସ୍ ଅଫିସର୍ ସଦାନନ୍ଦ ବସନ୍ତ ଦାତେ  ଦାୟିତ୍ୱ ଗ୍ରହଣ୍ କରିଛନ୍ । ଆଘୋନୁ ସେ ମହାରାଷ୍ଟ୍ର ସନ୍ତ୍ରାସବାଦ ନିରୋଧୀ ସ୍କ୍ୱାଡ୍- ଏଟିଏସ୍ର ମୁଖ୍ୟ ଭାବେ କାମ୍ କରୁଥିଲେ । ସେନ୍ତା ଏନ୍ଡିଆର୍ଏଫ୍ର ମହାନିର୍ଦ୍ଦେଶକ୍ ଭାବେ ୧୯୯୧ ବେଚ୍ର ଆଇପିଏସ୍ ଅଫିସର୍ ପିୟୁସ୍ ଆନନ୍ଦ ଗଲାକାଏଲ୍ ଦାୟିତ୍ୱ ଗ୍ରହଣ୍ କରିଛନ୍ ।

କେନ୍ଦ୍ରୀୟ ବିଦ୍ୟାଳୟ- ନାଁଲେଖା ଆର୍ଏନ୍ୟୁ/ସମ୍ବଲପୁର

କେନ୍ଦ୍ରୀୟ ବିଦ୍ୟାଳୟର୍ ପ୍ରଥମ ଶ୍ରେଣୀଥି ନାଁଲେଖା ଲାଗି ଆଏଜ ଠାନୁ ପଞ୍ଜିକରଣ୍ ମୁଲ୍ ହେଇକରି ଏପ୍ରିଲ୍ ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍ ତରଫୁ ବିଜ୍ଞପ୍ତି ବାହାର୍ କରାଯାଇଛେ । ବିଜ୍ଞପ୍ତି ଅନ୍‌ସାରେ ଅଭିଭାବକ୍‌ମାନେ କେନ୍ଦ୍ରୀୟ ବିଦ୍ୟାଳୟଥି ନିଜର୍ ପିଲାକର୍ ନାଁଲେଖା ଲାଗି ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିବେ । ଆଏବା ୧୯ ତାରିଖ୍ ଦିନ ପହେଲା ପ୍ରଭିଜ୍‌ନାଲ୍ ଲିଷ୍ଟ୍ ବାହାର୍‌ବା । ସେନ୍ତା ୨ ନମ୍ବର ପ୍ରଭିଜନାଲ୍ ଲିଷ୍ଟ୍ ୨୯ ତାରିଖ୍ ଆର୍ ୩ ନମ୍ବର ପ୍ରଭିଜନାଲ୍ ଲିଷ୍ଟ ମେ ମାସ ୮ ତାରିଖ୍ ଦିନ ବାହାର୍‌ବା । ଇ ଲିଷ୍ଟ୍ ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କର୍ ନାଁ ଲେଖାଯିବା ।

ଓଏଭି ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଉ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନ ୧ ହଜାର୍ ୩ ଶହ ୮୬ ଟା ଶିକ୍ଷକ୍ ଆଉ ଅଧ୍ୟକ୍ଷ ପଦ ପୂରଣ୍ ଲାଗି ଆଏଜ୍‌ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଉଛେ । ଆଏବା ୩୦ ତାରିଖ୍ ସଞ୍ଝର୍ ୫ ବଜେ ଭିତ୍‌ରେ ପ୍ରାର୍ଥୀମାନେ ଆବେଦନ୍ କରିପାର୍‌ବେ । ଆଶାୟୀପ୍ରାର୍ଥୀମାନେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର www.oavedu.in ଥି

ଆବେଦନ୍ କରିପାର୍‌ବେ । ମେ ୨ ତାରିଖ୍‌ତକ୍ ଆବେଦନ୍ ଫି ଦାଖଲ୍ କରାଯାଇପାର୍‌ବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତିଥି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଲାଗି ୧ ହଜାର୍ ୩ ଶହ ୪୨ ଟା ଆର୍ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ଲାଗି ୪୪ ଟା ପଦଥି ନିଯୁକ୍ତି ଦିଆଯିବା ।

ସିୟୁଇଟି ୟୁଜି ଆର୍‌ଏନ୍‌ୟୁ / ସମ୍ବଲପୁର

ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା- ସିୟୁଇଟି ୟୁଜି ଆବେଦନ୍ ସମିଆ ଆଏବା ୫ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି ତର୍‌ଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ଆବେଦନ୍ କର୍‌ବାର୍ ସମିଆ ଗଲାକାଏଲ୍ ଶେଷ୍ ଦିନ୍ ଥିଲା । ସ୍ନାତକୋତର ଶ୍ରେଣୀଥି ନାଁ ଲେଖାବାର୍ ଲାଗି ଚାହୁଁଥିବା ଛାତ୍ରଛାତ୍ରୀମାନେ ଆଏବା ୫ ତାରିଖ୍ ରାତି ସାଢ଼େ ୯ ବଜେ ଭିତ୍‌ରେ ଏନ୍‌ଟିଏ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ।

ପୁରୀ ଶ୍ରୀମନ୍ଦିର-ଖସାପଡ଼ା ଲାଗି ନୀତି ଆର୍‌ଏନ୍‌ୟୁ/ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ ଖସାପଡ଼ା ଲାଗି ନୀତି ହେବା । ହେଥିର୍‌ଲାଗି ଦ୍ୱିତୀୟ ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍‌ରୁ ଉପର୍‌ବେଲା ୬ ନୁ ରାତି ୧୦ ବଜାତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀଜଗନ୍ନାଥ୍ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆୟାଇଛେ । ଖସାପଡ଼ା ଲାଗି ହେଉଛେ ଗୁଟେ ଗୁପ୍ତ ନୀତି । ଇ ନୀତି ଶ୍ରୀଜୀଉଙ୍କର୍ ଶ୍ରୀପୟର ର ସୁରକ୍ଷା ଲାଗି କରାୟାଏସି ।

ଆନ୍ତର୍ଜାତୀୟ ପଂଚମ୍ ନାଟ୍ୟ ମହୋତ୍ସବ   ସମ୍ବଲପୁର

ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ଚାଲିଥିବା ପହେଲା ଆନ୍ତର୍ଜାତୀୟ ପଂଚମ୍ ନାଟ୍ୟ ମହୋତ୍ସବ ଗଲାକାଏଲ୍ ଉଦ୍‌ୟାପିତ୍ ହେଇୟାଇଛେ । ନାଟ୍ୟ ମହୋତ୍ସବ୍‌ର ଉଦ୍‌ୟାପନୀ ସନ୍ଧ୍ୟାଥି ନାଟ୍ୟସଂସ୍ଥା ‘ସ୍ୱର’ ତର୍‌ଫୁ ନାଟକ୍ ‘କଥାନୀ’ ମଂଚସ୍ଥ କରାୟାଇଥିଲା । ଉଦ୍‌ୟାପନୀ ସମାରୋହଥି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ବିଧୁଭୂଷଣ୍ ମିଶ୍ର, ଓଡ଼ିଶା ନାଟ୍ୟ ସଂଘର ସମ୍ପାଦକ ଶୁଭକାନ୍ତ ପାଢ଼ୀ, ବିଶିଷ୍ଟ

କଲାକାର୍ ଜୟନ୍ତ କୁମାର୍ ଦାସ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ପୁଲିସ୍ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ସାଧାରଣ ନିର୍ବାଚନ୍ ବାବ୍‌ଦେ ଗଲାକାଏଲ୍ ଭବାନୀପାଟ୍‌ନା ଠାନେ ପୁଲିସ୍ ମାଜିଷ୍ଟ୍ରେଟ୍ ସମନ୍ୱୟ ବିଷେ ଗୁଟେ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସମ୍ବେଦନ୍‌ଶୀଲ୍ ବୁଥ୍ ମାନ୍‌କେ ୱେବ୍‌କାଷ୍ଟିଂ ଆଉ ସୁରକ୍ଷା ବାହିନୀ ମୁତୟନ୍ ଉପ୍‌ରେ ଆଲୋଚନା ହେଇଥିଲା । ଜିଲ୍ଲା ନ ବେଆଇନ୍ ନିଶାଦ୍ରବ୍ୟ କାର୍‌ବାର୍ ରୁକ୍‌ବାର୍‌କେ ଅବକାରୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସବୁ ଥାନାମାନ୍‌କୁ ନିଜର୍ ଟିମ୍ ସହେତେ ରାଏତ୍‌ଦିନ୍ ସଜାଗ ରହିକରି ଚେକ୍‌ପୋଷ୍ଟ ଆର୍ ଅଲ୍‌ଗା ଜାଗାମାନ୍‌କେ ବେଆଇନ୍ କାମ୍ ରୁକ୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ପଶ୍ଚିମ ଓଡ଼ିଶା ସଂକୀର୍ତନ୍ ପରିଷଦ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପଶ୍ଚିମ ଓଡ଼ିଶା ସଂକୀର୍ତନ୍ ପରିଷଦ୍‌ର ୧୪ ନମ୍ବର୍ ବାର୍ଷିକ ଉତ୍ସବ୍ ଗଲାକାଏଲ୍ ବଲାଙ୍ଗିର୍ ଠାନେ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଆଲୋଚନାଚକ୍ରଥି କୀର୍ତନ୍‌ର ମୌଳିକତା ବଜାୟ ରଖିବାର୍ ଲାଗି ସିଆନ୍ ସୁଜନ୍‌ମାନେ ଆହ୍ୱାନ୍ ଦେଇଛନ୍ । କୀର୍ତନ୍ ବାଗିର୍ ପ୍ରାଚୀନ କଲାଥି ଅଶ୍ଳିଳତାକେ ପ୍ରାଧାନ୍ୟ ନାଇଁଦେଇକରି ମୌଳିକତାକେ ବଂଚେଇ ରଖିବାର୍ ଲାଗି ସବୁସ୍ତରଥି ଉଦ୍ୟମ୍ କରାଯିବାର୍ ଆବଶ୍ୟକତା ରହିଛେ ବଲି ସିଆନ୍ ସୁଜନ୍‌ମାନେ କହିଛନ୍ । ଇ ଅବ୍‌ସରେ ବିଶିଷ୍ଟ କୀର୍ତନ୍ ଗାୟକ୍‌ମାନ୍‌କୁ ସମ୍ମାନିତ୍ କରାଯାଇଥିଲା । କନ୍ଧମାଲ୍ ଜିଲ୍ଲା ସହେତେ ପଶ୍ଚିମ ଓଡ଼ିଶାର୍ କୀର୍ତନ୍ କଲାକାର୍ ମାନେ ଇଥି ଯୋଗ୍ ଦେଇଥିଲେ ।